# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 February - 2026

*********************************

## ମୁଖ୍ୟ ସମ୍ବାଦ

- ଗରିବ ଓ ବଂଚିତଙ୍କୁ କେନ୍ଦ୍ର କରି ଯୁବଶକ୍ତିଚାଳିତ ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ
- ବଜେଟ୍‌ରେ ଆସନ୍ତା ଏପ୍ରିଲ ପହିଲାରୁ ଆୟକର ଆଇନ୍ ୨୦୨୫ କାର୍ଯ୍ୟକାରୀ ହେବା ନେଇ ଘୋଷଣା
- ଭାରତକୁ ବାୟୋଫାର୍ମା ହବ୍ ଭାବେ ବିକଶିତ କରିବା ପାଇଁ ୫ ବର୍ଷରେ ଖର୍ଚ୍ଚହେବ ୧୦ ହଜାର କୋଟି
- କ୍ରୀଡା କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଆରମ୍ଭ ହେବ ଖେଲୋ ଇଣ୍ଡିଆ ମିଶନ
- ଓଡ଼ିଶା ସମେତ ୪ଟି ରାଜ୍ୟରେ ପ୍ରତିଷ୍ଠା ହେବ ବିରଳ ମୃତ୍ତିକା ଖଣିଜ କରିଡର
- ୨୦୨୬-୨୭ ବଜେଟ୍‌କୁ ଐତିହାସିକ ଅଭିହିତ କଲେ ପ୍ରଧାନମନ୍ତ୍ରୀ

ଏବଂ

- ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ବଜେଟ୍-୨୦୨୬/୨୭

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ନବମ ଥର ପାଇଁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିଛନ୍ତି। ଶ୍ରୀମତୀ ସୀତାରମଣ କହିଛନ୍ତି, ଗରିବ, ଅବହେଳିତ ଓ ବଂଚିତବର୍ଗଙ୍କୁ କେନ୍ଦ୍ର କରି ଯୁବଶକ୍ତିଚାଳିତ ବଜେଟ୍ ଉପସ୍ଥାପନ କରାଯାଇଛି। ଚଳିତଥରର ବଜେଟ୍ ୩ଟି କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଛି। ଆର୍ଥିକ୍ ଅଭିବୃଦ୍ଧି, ଦକ୍ଷତା ବିକାଶ ପ୍ରତ୍ୟେକ ପରିବାର, ସମ୍ପ୍ରଦାୟ, ଅଂଚଳର ଭାଗିଦାରୀ ପାଇଁ ସମ୍ବଳ, ସୁବିଧା-ସୁଯୋଗ ଉପଲବ୍ଧତା ସୁନିଶ୍ଚିତ କରିବା ତଥା ସବ୍‌କା ସାଥ୍-ସବ୍‌କା ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି।

ଆର୍ଥିକବର୍ଷ ୨୦୨୭ ପାଇଁ ରାଜ୍ୟଗୁଡ଼ିକୁ ଅର୍ଥ କମିଶନ ଅନୁଦାନ ଭାବେ ୧ ଲକ୍ଷ ୪୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୨୬-୨୭ ବଜେଟ୍ ଆକଳନରେ ଋଣରୁ ଜିଡିପି ଅନୁପାତ ଜିଡିପିର ୫୫ ଦଶମିକ ୬ ପ୍ରତିଶତ ଆକଳନ କରାଯାଇଛି, ଯାହା ୨୫-୨୬ ସଂଶୋଧିତ ଆକଳନରେ ୫୬ ଦଶମିକ ୧ ପ୍ରତିଶତ ଥିଲା। ଆର୍ଥିକବର୍ଷ ୨୦୨୭ରେ ବ୍ୟୟ ୫୩ ଲକ୍ଷ ୫୦ କୋଟି ଟଙ୍କା ଆକଳନ କରାଯାଇଛି।

ଅର୍ଥମନ୍ତ୍ରୀ ୬ଟି କ୍ଷେତ୍ରରେ ବିକାଶ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେଗୁଡ଼ିକ ମଧ୍ୟରେ ୭ଟି ରଣନୈତିକ ଏବଂ ସୀମାନ୍ତ କ୍ଷେତ୍ରଗୁଡ଼ିକରେ ଉତ୍ପାଦନ ବୃଦ୍ଧି କରିବା, ପୁରୁଣା ଶିଳ୍ପ କ୍ଷେତ୍ରକୁ ପୁନରୁଦ୍ଧାର କରିବା। ଏମ୍ଏସ୍ଏମ୍ଇ କ୍ଷେତ୍ରକୁ

ସଶକ୍ତ କରିବା, ଭିତ୍ତିଭୂମି ବିକାଶ ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା, ଦୀର୍ଘକାଳୀନ ସୁରକ୍ଷା ଏବଂ ସ୍ଥିରତା ସୁନିଶ୍ଚିତ କରିବା ଓ ସହରାଞ୍ଚଳ ଅର୍ଥନୈତିକ କ୍ଷେତ୍ରର ବିକାଶ ଅନ୍ତର୍ଭୁକ୍ତ ରହିଛି। ଖଦୀ, ହସ୍ତତନ୍ତ, ହସ୍ତଶିଳ୍ପ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପ ଆରମ୍ଭ କରାଯିବ।

ଭାରତକୁ ବିଶ୍ୱ ବାୟୋ ଫାର୍ମା ହବ୍ ଭାବେ ବିକଶିତ କରିବା ପାଇଁ ଅର୍ଥମନ୍ତ୍ରୀ ଆଗାମୀ ୫ ବର୍ଷ ମଧ୍ୟରେ ୧୦ ହଜାର କୋଟି ଟଙ୍କା ବ୍ୟୟ ସହ ବାୟୋ ଫାର୍ମା ଶକ୍ତି ପ୍ରସ୍ତାବ ଦେଇଛନ୍ତି।

ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦କୁ ଗତି ପ୍ରଦାନ ପାଇଁ ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନା ପୁଞ୍ଜି ବ୍ୟୟ ଅଟକଳ ୪୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି।

ବର୍ତ୍ତମାନ ଆମେ ଆମ ସମ୍ବାଦଦାତା ସ୍ମୃତିରେଖା ତାରେଣିଆଙ୍କ ପାଖକୁ ଯିବା। ମ୍ୟାଡମ୍ ଚଳିତ ବଜେଟ୍‌ରେ ଓଡ଼ିଶା ପାଇଁ କ'ଣ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ?

ବଜେଟ୍‌ରେ ଓଡ଼ିଶା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ବିରଳ ମୃତ୍ତିକା ଖଣିଜ କରିଡର ନେଇ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଶା ସମେତ କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ବିରଳ ଖଣିଜ କରିଡର ପ୍ରତିଷ୍ଠା

ହେବ । ଖଣି ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ୩ଟି ସମର୍ପିତ ରାସାୟନିକ ପାର୍କ ପ୍ରତିଷ୍ଠା ହେବ । ସେହିଭଳି ଜଳପଥରେ ଖଣିଜ ପରିବହନକୁ ଗୁରୁତ୍ୱ ଦେଇ ୨୦ଟି ନୂତନ ଜାତୀୟ ଜଳପଥ ପାଇଁ ପ୍ରସ୍ତାବ ରହିଛି । ଏଥିରେ ଓଡ଼ିଶା ପାଇଁ ୫ଟି ଜାତୀୟ ଜଳପଥ ଘୋଷଣା କରାଯାଇଛି । ଓଡ଼ିଶା, କର୍ଣ୍ଣାଟକ ଏବଂ କେରଳର ପ୍ରମୁଖ ସ୍ଥାନ ସହିତ ଅଲିଭ୍ ରିଡଲେ କଇଁଛଙ୍କ ପାଇଁ ପଥ ବିକଶିତ କରାଯିବ ।

ଧନ୍ୟବାଦ

କେନ୍ଦ୍ରମନ୍ତ୍ରୀ ଆସନ୍ତା ଏପ୍ରିଲ୍ ମାସ ପହିଲାରୁ ନୂତନ ଆୟକର ଆଇନ୍ ୨୦୨୫ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି, ସରଳୀକୃତ ଆୟକର ନିୟମକୁ ନେଇ ଖୁବ୍‌ଶୀଘ୍ର ଅଧିସୂଚନା ଜାରି କରାଯିବ ।

ଦେଶରେ ଶିଳ୍ପଭିତ୍ତିକ ଗବେଷଣା ଏବଂ ତାଲିମକୁ ଗୁରୁତ୍ୱ ଦିଆଯିବ । ୫ ଲକ୍ଷରୁ ଅଧିକ ଜନସଂଖ୍ୟାବିଶିଷ୍ଟ ସହରଗୁଡ଼ିକରେ  ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜିବ୍ୟୟ ୧୨ ଲକ୍ଷ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିବାର ପ୍ରସ୍ତାବ ରହିଛି ।

ନିର୍ମାଣ ଏବଂ ଭିତ୍ତିଭୂମି ଉପକରଣର ଉନ୍ନତି ପାଇଁ ଏକ ଯୋଜନା ପ୍ରଣୟନ କରାଯିବ । ୫ ବର୍ଷ ମଧ୍ୟରେ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ସହିତ କଣ୍ଟେନର ନିର୍ମାଣ ପାଇଁ  ଯୋଜନା ରହିଛି ।

ଭାରତର ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ଅର୍ଥମନ୍ତ୍ରୀ ଜାତୀୟ ଫାଇବର ଯୋଜନାର ପ୍ରସ୍ତାବ ଦେଇଛନ୍ତି। ବୟନ କ୍ଲଷ୍ଟରଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ଏକ ବୟନ ସମ୍ପ୍ରସାରଣ ଏବଂ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେବ। ବୟନ କ୍ଷେତ୍ରରେ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ସମର୍ଥ-୨.୦ କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟ ରଖାଯାଇଛି। ମେଗା ବୟନ ପାର୍କ ସ୍ଥାପନ କରିବାକୁ ପ୍ରସ୍ତାବ ରହିଥିବାବେଳେ ଖଦୀ, ହସ୍ତଶିଳ୍ପକୁ ସମର୍ଥନ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସମାଜ ପଦକ୍ଷେପ ଆରମ୍ଭ ହେବ।

କ୍ରୀଡା ସାମଗ୍ରୀ ପାଇଁ ଭାରତ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଉଭା ହେବାର ସମ୍ଭାବନା ରଖୁଛି। ବଜେଟ୍‌ରେ ଅର୍ଥମନ୍ତ୍ରୀ ବିଶ୍ୱସ୍ତରୀୟ ପ୍ରତିଯୋଗିତ ମୂଳକ କ୍ରୀଡା ସାମଗ୍ରୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି।

କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ-ଏସ୍‌ଏମ୍‌ଇ କ୍ଷେତ୍ରର ଅଭିବୃଦ୍ଧି ପାଇଁ ଅର୍ଥମନ୍ତ୍ରୀ ୧୦ ହଜାର କୋଟି ଟଙ୍କାର ପାଣ୍ଠି ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଛନ୍ତି। କିଛି ମାନଦଣ୍ଡ ଆଧାରରେ ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପାଣ୍ଠି ଖର୍ଚ୍ଚ ହେବ।

ସହରଗୁଡ଼ିକ ମଧ୍ୟରେ ଅଭିବୃଦ୍ଧି ସଂଯୋଗକାରୀ ଭାବେ ୭ଟି ଦ୍ରୁତଗ୍ରାମୀ ରେଳ କରିଡର ବିକଶିତ କରିବାକୁ ସରକାର ଯୋଜନା କରୁଛନ୍ତି।

ଆମେ ପୁଣି ଥରେ ଫେରିବା ଆମ ସମ୍ବାଦଦାତା ସ୍ମୃତିରେଖା ତାରେଣିଆଙ୍କ ପାଖକୁ।

**ମ୍ୟାଡମ୍ କୁହନ୍ତୁ ବଜେଟରେ ସ୍ୱାସ୍ଥ୍ୟପାଇଁ କ'ଣ ବ୍ୟବସ୍ଥା କରାଯାଇଛି ?**

ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ କରିବା ଲକ୍ଷ୍ୟ ନେଇ ସହଯୋଗୀ ସ୍ୱାସ୍ଥ୍ୟ ବୃତ୍ତିଗତଙ୍କ ପାଇଁ ପ୍ରତିଷ୍ଠାନଗୁଡ଼ିକୁ ଉନ୍ନତ କରାଯିବ। ଘରୋଇ ଏବଂ ସରକାରୀ କ୍ଷେତ୍ରରେ ନୂତନ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ। ଜେରିଆଟ୍ରିକ୍ ଏବଂ ସହଯୋଗୀ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ଦୃଢ଼ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ନିର୍ମାଣ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆଗାମୀ ବର୍ଷରେ ଦେଢ଼ ଲକ୍ଷ ସ୍ୱାସ୍ଥ୍ୟସେବୀଙ୍କୁ ତାଲିମ୍ ଦିଆଯିବ। ଭାରତକୁ ଏକ ଚିକିତ୍ସା ପର୍ଯ୍ୟଟନ ପାଇଁ ହବ୍ ଭାବେ ସୃଷ୍ଟି କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଉନ୍ନତ କରିବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ୫ଟି ଆଂଚଳିକ ଚିକିତ୍ସା କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟଗୁଡ଼ିକୁ ସହାୟତା ପ୍ରସ୍ତାବ ଦେଇଛନ୍ତି। ଏହି ଚିକିତ୍ସାକେନ୍ଦ୍ରଗୁଡ଼ିକରେ ଆୟୁଷ କେନ୍ଦ୍ର, ରୋଗ ନିର୍ଣ୍ଣୟ ଏବଂ ପରବର୍ତ୍ତୀ ଯତ୍ନ ପୁନର୍ବାସ ପାଇଁ ଭିତ୍ତିଭୂମି ରହିବ।

୩ଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ ଏବଂ ଆୟୁଷ ଫାର୍ମାସୀକୁ ଉନ୍ନତ କରିବାକୁ ସରକାର ଯୋଜନା କରୁଛନ୍ତି। ଜାମ୍‌ନଗରଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପାରମ୍ପରିକ ଚିକିତ୍ସା କେନ୍ଦ୍ରକୁ ଉନ୍ନତ କରାଯିବ। କର୍କଟ ରୋଗୀଙ୍କ ପାଇଁ ୧୭ଟି ଔଷଧ ଉପରେ ମୌଳିକ ସୀମା ଶୁଳ୍କ ଛାଡ କରାଯାଇଛି।

ଧନ୍ୟବାଦ

ଭାରତର ଆନିମେସନ, ଦୃଶ୍ୟ, ଶ୍ରାବ୍ୟ ଏବଂ ଗେମିଂ ଶିଳ୍ପର ଅଭିବୃଦ୍ଧି ପାଇଁ ସାରା ଦେଶରେ ପ୍ରୟୋଗଶାଳା ସ୍ଥାପନ କରିବା ପାଇଁ ମୁମ୍ବାଇରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜୀକୁ ସମର୍ଥନ ପାଇଁ ବଜେଟରେ ପ୍ରସ୍ତାବ ରହିଛି। ପୂର୍ବ ଭାରତରେ ଜାତୀୟ ଡିଜାଇନ୍ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ।

ଭାରତର ପର୍ଯ୍ୟଟନ କ୍ଷେତ୍ରକୁ ଗତି ପ୍ରଦାନ କରିବା ଲକ୍ଷ୍ୟ ନେଇ ବଜେଟ୍‌ରେ ବ୍ୟବସ୍ଥା ରହିଛି। ଭାରତ ବିଶ୍ୱସ୍ତରୀୟ ଟ୍ରେକିଂ, ହାଇକିଂ, ଗନ୍ତବ୍ୟସ୍ଥଳ ପ୍ରଦାନ କରିବାର ସମ୍ଭାବନା ଏବଂ ସୁଯୋଗ ରଖିଛି। ସାରା ଦେଶରେ ୧୫ଟି ପ୍ରତ୍ନତାତ୍ତ୍ୱିକ ସ୍ଥାନକୁ ବିକଶିତ କରାଯିବ।

କ୍ରୀଡା କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ଆଗାମୀ ୧୦ ବର୍ଷ ମଧ୍ୟରେ ଖେଲୋ ଇଣ୍ଡିଆ ମିଶନ ଆରମ୍ଭ କରିବାର ବଜେଟ୍‌ରେ ପ୍ରସ୍ତାବ ଦିଆଯାଇଛି। କୃଷକଙ୍କ ଆୟ ବୃଦ୍ଧି ପାଇଁ ବିଶେଷ ଧ୍ୟାନ ଦିଆଯିବ। ୫୦୦ଟି ଜଳଭଣ୍ଡାରର ବିକାଶ ପାଇଁ ପଦକ୍ଷେପ ନିଆଯିବ।

ଉପକୂଳ ଅଞ୍ଚଳରେ ମତ୍ସ୍ୟଜୀବୀ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରାଯିବ। କ୍ରେଡିଟ୍ ସଂଯୁକ୍ତ ସବ୍‌ସିଡି କାର୍ଯ୍ୟକ୍ରମ ମାଧ୍ୟମରେ ପଶୁପାଳନକୁ ସରକାର ସମର୍ଥନ କରିବେ। ଉପକୂଳ ଅଂଚଳରେ ନଡିଆ, ଚନ୍ଦନ ଏବଂ କାଜୁ ଭଳି ଉଚ୍ଚ ମୂଲ୍ୟର ଫସଲକୁ ସରକାର ସମର୍ଥନ କରିବେ।

ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ଅର୍ଥମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ ରାଜ୍ୟସଭାରେ ଏକ କପି ଉପସ୍ଥାପନ କରାଯାଇଛି। ଅର୍ଥମନ୍ତ୍ରୀ ଆଜି ସନ୍ଧ୍ୟାରେ ବଜେଟ୍ ନେଇ ୩୦ ଜଣ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବେ।

## ମୁଖ୍ୟମନ୍ତ୍ରୀ-ସୁବର୍ଣ୍ଣପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ **ସୁବର୍ଣ୍ଣପୁର** ଜିଲ୍ଲା ଗସ୍ତ କରି ବିଭିନ୍ନ ସାଂସ୍କୃତିକ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଶ୍ରୀ ମାଝୀ ଏହି ପରିପ୍ରେକ୍ଷୀରେ ସନ୍ଥ କବୀ ଭୀମ ଭୋଇଙ୍କ ସମାଧି ପୀଠରେ ଆୟୋଜିତ ପ୍ରସିଦ୍ଧ ମାଘମେଳା ଉତ୍ସବରେ ଯୋଗଦେଇ ସମାଜ ପ୍ରତି ସନ୍ଥ କବୀଙ୍କ ତ୍ୟାଗ, ତଥା ସମାଜ ସୁଧାରରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଭୀମ ଭୋଇଙ୍କ ବାଣୀ ଓ ଦର୍ଶନ ସମାଜ ପାଇଁ ସର୍ବଦା ପଥ ପ୍ରଦର୍ଶନ ହୋଇ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ଯୋଗଦେଇ ମହିଳା ସଶକ୍ତୀକରଣ ତଥା ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ମୁଖ୍ୟମନ୍ତ୍ରୀ-ଯୋରନ୍ଦା ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମହିମା ପୀଠ ପରିସରରେ ମାଘମେଳା ଦର୍ଶନ ପାଇଁ ଯୋରନ୍ଦା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।